# NATIONAL NEWS BULLETIN (ODIA)
## 21 January - 2026
## Morning Bulletin : 7.15 a.m.

*********************************

## ମୁଖ୍ୟ ସମ୍ବାଦ

- ନୂଆଦିଲ୍ଲୀରେ ଆଜି ଆରମ୍ଭ ହେଉଛି ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ୨୦୨୬ ।
- ଉତ୍ତରାଖଣ୍ଡକୁ ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀଙ୍କ ଆଜିଠାରୁ ଦୁଇ ଦିନିଆ ଗସ୍ତ ।
- ଭାରତରେ ସୌରଶକ୍ତି ଉପଯୋଗର ସଫଳତାକୁ ପ୍ରଶଂସା କଲା ଅନ୍ତର୍ଜାତୀୟ ସୌରସଂଘ ।
- ଦେଶବ୍ୟାପି କାର୍ଯ୍ୟକାରୀ ହେଲା କେନ୍ଦ୍ରୀୟ ମୋଟର ଯାନ ଦ୍ୱିତୀୟ ସଂଶୋଧନ ନିୟମ ୨୦୨୬ ।

ଏବଂ

- ଆସାମର ବ୍ରହ୍ମପୁତ୍ରଠାରେ ଆଜିଠାରୁ ଆରମ୍ଭ ହେଉଛି ୭୯ତମ ଜାତୀୟ ସନ୍ତୋଷ ଟ୍ରଫି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ।

# ଇସିଆଇ-ଥ୍ରୀ ଡେ କନ୍‌ଫରେନ୍ସ

ନୂଆଦିଲ୍ଲୀରେ ଆଜିଠାରୁ ଆନ୍ତର୍ଜାତିକ ଗଣତନ୍ତ୍ର ଓ ନିର୍ବାଚନ ପରିଚାଳନା ସମ୍ମିଳନୀ ୨୦୨୬ ଆରମ୍ଭ ହେଉଛି । ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଆୟୋଜିତ ଏହି ତିନିଦିନିଆ ସମ୍ମିଳନୀ ଏ କ୍ଷେତ୍ରରେ ସର୍ବବୃହତ ବିଶ୍ୱ ସମ୍ମିଳନୀ ହେବାକୁ ଯାଉଛି । ୭୦ଟିରୁ ଅଧିକ ଦେଶର ପ୍ରତିନିଧି ଏହି ସମ୍ମିଳନୀରେ ଅଂଶଗ୍ରହଣ କରୁଛନ୍ତି । ଆନ୍ତର୍ଜାତିକ ସଂଗଠନ ଭାରତରେ ଅବସ୍ଥାପିତ ବିଦେଶୀ ମିଶନ୍‌ର ପ୍ରତିନିଧି ନିର୍ବାଚନ ପରିଚାଳନା କ୍ଷେତ୍ରର ଅଂଶିଦାର ଏବଂ ବିଶେଷଜ୍ଞ ଏଥିରେ ଅଂଶଗ୍ରହଣ କରି ମତବିନିମୟ କରିବେ ।

ସମ୍ମିଳନୀ ଅବସରରେ ନିର୍ବାଚନ ପରିଚାଳନା ସହିତ ଜଡ଼ିତ ୪୦ରୁ ଅଧିକ ଦ୍ୱିପାକ୍ଷିକ ବୈଠକ ମଧ୍ୟ ଅନୁଷ୍ଠିତ ହେବାର କାର୍ଯ୍ୟସୂଚୀ ରହିଛି । ଏ କ୍ଷେତ୍ରରେ ବୈଶ୍ୱିକ ଆହ୍ୱାନଗୁଡ଼ିକର ସମାଧାନ ଦିଗରେ ମାର୍ଗ ଉନ୍ମୁକ୍ତ ହୋଇପାରିବ । ସମ୍ମିଳନୀ ଅବସରରେ ଏକ ପ୍ରଦର୍ଶନୀ ଆୟୋଜନର ମଧ୍ୟ ବ୍ୟବସ୍ଥା ହୋଇଛି । ବିଶ୍ୱର ସର୍ବବୃହତ୍ ନିର୍ବାଚନ ଲୋକସଭା ୨୦୨୪ ଉପରେ ଆଲୋକପାତ କରୁଥିବା କେତେକ କ୍ଷୁଦ୍ର ଚଳଚ୍ଚିତ୍ର ‘ଇଣ୍ଡିଆ ଡିସାଇଡ୍‌ସ’ ପ୍ରଦର୍ଶନ କରାଯିବାର ବ୍ୟବସ୍ଥା ହୋଇଛି ।

## ଭିପି-କର୍ଣ୍ଣାଟକ ଭିଜିଟ୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଜି କର୍ଣ୍ଣାଟକ ଗସ୍ତରେ ଯାଉଛନ୍ତି । ଟୁମକୁରୁଠାରେ ଶ୍ରୀ ସିଦ୍ଧଗଙ୍ଗା ମଠଠାରେ ଆୟୋଜିତ ଶ୍ରୀ ଶିବକୁମାର ମହାସ୍ୱାମୀଜୀ ସପ୍ତମ ସ୍ମାରକୀ ସମାରୋହରେ ଶ୍ରୀ ରାଧାକ୍ରିଷ୍ଣନ୍ ମୁଖ୍ୟ ଅତିଥି ଭାବେ ଯୋଗଦେବେ । ଗସ୍ତ ଅବସରରେ ଉପରାଷ୍ଟ୍ରପତି ବେଙ୍ଗାଲୁରୁ ସି.ଏମ୍.ଆର୍. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିର ରୌପ୍ୟ ଜୟନ୍ତୀ ସମାରୋହରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି ।

## ଉତ୍ତରାଖଣ୍ଡ-ଅମିତ ଶାହା

ସ୍ୱରାଷ୍ଟ୍ର ଓ ସମବାୟ ମନ୍ତ୍ରୀ ଅମିତ ଶାହା ଆଜିଠାରୁ ଦୁଇଦିନିଆ ଉତ୍ତରାଖଣ୍ଡ ଗସ୍ତରେ ଯିବେ । ରିଷିକେଶ ଏବଂ ହରିଦ୍ୱାରରେ କେତେକ ଧାର୍ମିକ, ସାମାଜିକ ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ କାର୍ଯ୍ୟକ୍ରମରେ ଶ୍ରୀ ଶାହା ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ରିଷିକେଶଠାରେ ପହଞ୍ଚିବା ପରେ ଆଜି ଅପରାହ୍ଣରେ ଶ୍ରୀ ଶାହା ଗୀତା ଭବନଠାରେ ଗୀତା ପ୍ରେସ୍ ଦ୍ୱାରା ପ୍ରକାଶିତ ମାସିକ ପତ୍ରିକା କଲ୍ୟାଣର ଶତବାର୍ଷିକୀ ସଂସ୍କରଣକୁ ଉନ୍ମୋଚନ କରିବେ । ଆସନ୍ତାକାଲି ହରିଦ୍ୱାରର ମହର୍ଷି ଦୟାନନ୍ଦ ଗ୍ରାମଠାରେ ପତଞ୍ଜଳୀ ଜରୁରୀକାଳୀନ ଓ କ୍ରିଟିକାଲ୍ କେୟାର୍ ହସ୍ପିଟାଲ୍‌ର ଶ୍ରୀ ଶାହା

ଉଦ୍‌ଘାଟନ କରିବାର କାର୍ଯ୍ୟସୂଚୀ ରହିଛି । ଗସ୍ତ ଅବସରରେ ଶ୍ରୀ ଶାହା ଅଖଣ୍ଡ ଜ୍ୟୋତିରେ ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିବା ସହ ଗାୟତ୍ରୀ ତୀର୍ଥ ଶାନ୍ତିକୁଞ୍ଜ ଗସ୍ତ କରିବେ ।

## ଡବ୍ଲ୍ୟୁଇଏଫ୍-ଇଣ୍ଡିଆ ଇନ୍ ଡାଭୋସ୍

ସୁଇଜରଲାଣ୍ଡର ଡାଭୋସ୍ ଠାରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ଫୋରମ୍‌ରେ ଅନ୍ତର୍ଜାତୀୟ ସୌରସଂଘ ଭାରତରେ ସୌରଶକ୍ତି ଉପଯୋଗର ସଫଳତା ଉପରେ ଆଲୋକପାତ କରିଛି । ସମ୍ମିଳନୀକୁ ସମ୍ବୋଧନ କରି ସୌରସଂଘ ମହା-ନିର୍ଦ୍ଦେଶକ ଆଶିଶ ଖାନ୍ନା କହିଛନ୍ତି, ଭାରତର ଛାତ ଉପରେ ସୌରଶକ୍ତି ଯୋଜନା ବେଶ୍ ସଫଳ ହୋଇପାରିଛି । ୧୦ ନିୟୁତ ପରିବାର ଏବଂ କୃଷକଙ୍କ ପାଇଁ ସୌରଚାଳିତ ଜଳସେଚନ ବ୍ୟବସ୍ଥାକୁ ଏହା ପ୍ରୋତ୍ସାହନ ପ୍ରଦାନ କରୁଛି ।

ପି.ଏମ୍. କୁସୁମ କାର୍ଯ୍ୟକ୍ରମ ଆଧାରରେ ଶ୍ରୀ ଖାନ୍ନା ବିଦ୍ୟୁତ୍ ଉପଲବ୍ଧତାକୁ ବ୍ୟାପକ କରିବା ଏବଂ ସ୍ୱଳ୍ପ ମୂଲ୍ୟରେ କୃଷି କ୍ଷେତ୍ରକୁ ପ୍ରୋତ୍ସାହନ ପ୍ରଦାନ କରିବା ଲକ୍ଷ୍ୟ ନେଇ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ଅନ୍ୟ ଦେଶଗୁଡ଼ିକୁ ପରାମର୍ଶ ଦେଇଛନ୍ତି । କୃତ୍ରିମ ବୁଦ୍ଧିମତା ଏବଂ ଡିଜିଟାଲ୍ ପ୍ରଯୁକ୍ତିବିଦ୍ୟା ଆଧାରିତ ଶକ୍ତି ଭବିଷ୍ୟତ ଉପରେ ଆନ୍ତର୍ଜାତିକ ସୌରସଂଘ ଗୁରୁତ୍ୱ ପ୍ରଦାନ କରୁଥିବା ସେ କହିଛନ୍ତି ।

ଏହାଦ୍ୱାରା ପରିଚାଳନା ଜନିତ ଖର୍ଚ୍ଚ ହ୍ରାସ ପାଇବା ସହ ଦକ୍ଷତା ବୃଦ୍ଧି ଏବଂ ନିଯୁକ୍ତି କ୍ଷେତ୍ର ବ୍ୟାପକ ହୋଇପାରିବ । ସଂଘ ପକ୍ଷରୁ ଶକ୍ତି କ୍ଷେତ୍ର ପାଇଁ ଏକ ବିଶ୍ୱ ବ୍ୟାପି କୃତ୍ରିମ ବୁଦ୍ଧିମତା ମିଶନ୍ ଆରମ୍ଭ କରିବାକୁ ଯୋଜନା କରାଯାଉଛି ବୋଲି ଶ୍ରୀ ଖାନ୍ନା ସୂଚନା ଦେଇଛନ୍ତି । ଗତ ୧୯ ତାରିଖଠାରୁ ଆରମ୍ଭ ହୋଇଥିବା ବିଶ୍ୱ ଅର୍ଥନୈତିକ ଫୋରମ୍‌ର ୫୬ତମ ବାର୍ଷିକ ସମାରୋହ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଜାରି ରହିବ ।

# ବନ୍ଦେ ଭାରତ-ସ୍ଲିପର୍-ଟିକେଟ୍

କାମାକ୍ଷା, ଗୁଆହାଟୀ ଏବଂ ହାଓଡ଼ା ମଧ୍ୟରେ ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ର ଯାତାୟତରେ ଯାତ୍ରୀଙ୍କଠାରୁ ଅଭୁତପୂର୍ବ ସକାରାତ୍ମକ ପ୍ରତିକ୍ରିୟା ମିଳିଛି ବୋଲି ରେଳ ମନ୍ତ୍ରଣାଳୟ କହିଛି । ଟିକେଟ୍ ବୁକିଂ ପାଇଁ ସଂରକ୍ଷଣ ବ୍ୟବସ୍ଥା ଉନ୍ମୁକ୍ତ ହେବାର ଅଳ୍ପ କିଛି ଘଣ୍ଟା ମଧ୍ୟରେ ସମସ୍ତ ଟିକେଟ୍ ବିକ୍ରି ହେବା ବନ୍ଦେ ଭାରତ ସ୍ଲିପର୍ ଟ୍ରେନ୍‌ରେ ଯାତ୍ରୀଙ୍କ ଆରାମ ଦାୟକ ଯାତ୍ରା ଏବଂ ଆଧୁନିକ ବ୍ୟବସ୍ଥା ପ୍ରତି ଆଗ୍ରହକୁ ପ୍ରତିଫଳନ କରୁଛି । ଗତ ସପ୍ତାହରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଟ୍ରେନ୍ ଚଳାଚଳର ଶୁଭାରମ୍ଭ କରିଛନ୍ତି । ରେଳ ମନ୍ତ୍ରଣାଳୟ କହିଛି, ଆସନ୍ତାକାଲିଠାରୁ କାମାକ୍ଷାରୁ ଏବଂ ଶୁକ୍ରବାର ଠାରୁ ହାଓଡ଼ାରୁ ଏହି ଟ୍ରେନ୍‌ର ପ୍ରଥମ ବାଣିଜ୍ୟିକ ଯାତ୍ରା ଆରମ୍ଭ ହେବ ।

# ସେଣ୍ଟର-ମୋଟର ଭେଇକିଲ୍ସ

କେନ୍ଦ୍ରୀୟ ମୋଟେର ଯାନ ଦ୍ୱିତୀୟ ସଂଶୋଧନ ନିୟମ ୨୦୨୬ କାର୍ଯ୍ୟକାରୀ ହୋଇଛି । ଜାତୀୟ ରାଜପଥର ଟୋଲ୍‌ଗେଟ୍ ଗୁଡ଼ିକରେ ଦେୟ ପ୍ରଦାନ ଅନୁପାଳନକୁ ଏହା ଅଧିକ ସୁଦୃଢ଼ କରିବ ବୋଲି ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ କହିଛି । ସଂଶୋଧିତ ନିୟମ ଦେୟ ପ୍ରଦାନରେ ଅଧିକ ଉନ୍ନତି ଆଣିବା ସହ ଇଲେକ୍ଟ୍ରୋନିକ୍ସ ମାଧ୍ୟମକୁ ଅଧିକ ଦକ୍ଷ କରିପାରିବ । ଜାତୀୟ ରାଜପଥରେ ଟୋଲଗେଟ୍ ଗୁଡ଼ିକରେ ଶୁଳ୍କ ଠକେଇକୁ ମଧ୍ୟ ଏହା ହ୍ରାସ କରିବ ବୋଲି ଆଶା କରାଯାଉଛି । ଦେଶ ବ୍ୟାପି ଜାତୀୟ ରାଜପଥ ନେଟ୍‌ୱର୍କର ନିରନ୍ତର ବିକାଶ ଏବଂ ରକ୍ଷଣାବେକ୍ଷଣ ପାଇଁ ସ୍ୱଚ୍ଛ ପ୍ରଯୁକ୍ତିବିଦ୍ୟା ଚାଳିତ ଟୋଲ ଆଦାୟ ବ୍ୟବସ୍ଥାକୁ ଏହା ପ୍ରୋତ୍ସାହନ ପ୍ରଦାନ କରିବାରେ ଏନ୍.ଏଚ୍.ଏ.ଆଇ.କୁ ସହଯୋଗ ପ୍ରଦାନ କରିବ ବୋଲି ମନ୍ତ୍ରଣାଳୟ କହିଛି । ଏଥିସହିତ ଜାତୀୟ ପରମିଟ୍ ଇଚ୍ଛୁକ ବାଣିଜ୍ୟିକ ଯାନଗୁଡ଼ିକ ଠାରୁ ବେଆଇନ୍ ଶୁଳ୍କ ଆଦାୟକୁ ପ୍ରତିହତ କରିବା ନେଇ ଏହି ସଂଶୋଧନ ନିୟମରେ ବ୍ୟବସ୍ଥା ରହିଛି ବୋଲି ମନ୍ତ୍ରଣାଳୟ ସ୍ପଷ୍ଟ କରିଛି ।

# ପ୍ରଗତି–ସ୍ପେଶାଲ ଷ୍ଟୋରୀ

ଦେଶରେ ସ୍ୱଚ୍ଛ ପ୍ରଶାସନ ଏବଂ ସମୟାନୁବର୍ତ୍ତୀ କାର୍ଯ୍ୟାନ୍ୱୟନ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରମୁଖ ପଦକ୍ଷେପ 'ପ୍ରଗତୀ' ଏହାର ୫୦ତମ ବୈଠକ ସଫଳ ପରିଚାଳନା ସହିତ ଉଲ୍ଲେଖନୀୟ ସାବ୍ୟସ୍ତ ହୋଇଛି । ୨୦୧୫ରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏହାର ଶୁଭାରମ୍ଭ ହେବା ପରଠାରୁ ପ୍ରଧାନମନ୍ତ୍ରୀ ସ୍ତରୀୟ ସମୀକ୍ଷା ମାଧ୍ୟମରେ ପ୍ରମୁଖ ଭିତ୍ତିଭୂମି ପ୍ରକଳ୍ପ ଏବଂ ଜନସାଧାରଣଙ୍କ ଅଭିଯୋଗର ସମୟୋପଯୋଗୀ ସମାଧାନକୁ ଏହା ସଫଳ କରିପାରିଛି । କେନ୍ଦ୍ର, ରାଜ୍ୟ ଏବଂ କେନ୍ଦ୍ରୀୟ ମନ୍ତ୍ରଣାଳୟ ଗୁଡ଼ିକୁ ଏକ ଡିଜିଟାଲ୍ ଇଣ୍ଟରଫେସ୍ ମାଧ୍ୟମରେ ସମନ୍ୱୟ କରାଯାଇ ସମବାୟ ସଂଘୀୟତାର ଉଦାହରଣ ସୃଷ୍ଟି ହୋଇଛି । ପ୍ରଗତୀର ବିଶେଷ ସିରିଜ୍‌ରେ ଆଜି ଆସନ୍ତୁ ଜାଣିବା କୋଇଲା ମନ୍ତ୍ରଣାଳୟର କେତେକ ପ୍ରକଳ୍ପ ସମ୍ପର୍କରେ ।

କୋଇଲା ଖଣି ପ୍ରକଳ୍ପ ଏବଂ ଏହା ସହିତ ସଂଶ୍ଳିଷ୍ଟ ଭିତ୍ତିଭୂମି ପଦକ୍ଷେପ ଏ କ୍ଷେତ୍ରକୁ ଅଧିକ ସହଜ କରିଥାଏ । ଜାତୀୟ ଶକ୍ତି ଆବଶ୍ୟକତାକୁ ସହଯୋଗ ପ୍ରଦାନ କରିବା ସହ ବିଦ୍ୟୁତ୍ ଉତ୍ପାଦନ ଏବଂ ରେଳବାଇ ଭଳି ପ୍ରମୁଖ ବ୍ୟବହାର କ୍ଷେତ୍ର ପାଇଁ କୋଇଲା ଉପଲବ୍ଧତାକୁ ସୁନିଶ୍ଚିତ କରିଥାଏ । ପ୍ରଗତୀ ବ୍ୟବସ୍ଥା ଅଧୀନରେ ୩ଲକ୍ଷ କୋଟିରୁ ଅଧିକ

ନିବେଶଯୁକ୍ତ ୧୩୪ଟି ପ୍ରକଳ୍ପ ଏବେ ତଦାରଖ କରାଯାଉଛି । ସେଥିମଧ୍ୟରୁ ୧ ଲକ୍ଷ ୧୯ ହଜାର କୋଟିରୁ ଅଧିକ ମୂଲ୍ୟର ୧୬ଟି ପ୍ରମୁଖ ପ୍ରକଳ୍ପକୁ ଏହି ବ୍ୟବସ୍ଥା ଅଧୀନରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସମୀକ୍ଷା କରିଛନ୍ତି ।

ସେଥିରୁ ୫ଟି ପ୍ରକଳ୍ପ ଇତିମଧ୍ୟରେ କାର୍ଯ୍ୟକ୍ଷମ ହୋଇସାରିଥିବା ବେଳେ ୧୧ଟିର କାର୍ଯ୍ୟ ଜାରି ରହିଛି । କୋଇଲା ମନ୍ତ୍ରଣାଳୟ ଅଧୀନରେ ୯୨ଟି ପ୍ରକଳ୍ପ କାର୍ଯ୍ୟାନ୍ୱୟନ ନେଇ ମୋଟ୍ ୪୯୧ଟି ଆହ୍ୱାନ ସୃଷ୍ଟି ହୋଇଥିଲା । ସେଥିମଧ୍ୟରୁ ୪୬୫ଟିର ସମାଧାନ ହୋଇସାରିଥିବା ବେଳେ ପ୍ରଗତୀ ସମୀକ୍ଷା ମାଧ୍ୟମରେ ଅନ୍ୟ ୧୨୦ଟି ସମସ୍ୟା ସମାଧାନର ମାର୍ଗ ଉନ୍ମୁକ୍ତ ହୋଇଛି । ପ୍ରଗତୀ ବ୍ୟବସ୍ଥା ମାଧ୍ୟମରେ ଜାରି ନିର୍ଦ୍ଦେଶଗୁଡ଼ିକ ଆନ୍ତଃ ମନ୍ତ୍ରଣାଳୟ ଏବଂ ରାଜ୍ୟସ୍ତରୀୟ ସମନ୍ୱୟକୁ ଉନ୍ନତ କରିବା ସହ ଉତ୍ତରଦାୟିତ୍ୱକୁ ଅଧିକ ସୁଦୃଢ଼ କରିଛି । ସମୟାନୁବର୍ତ୍ତୀ ସମାଧାନକୁ ସହଜ କରିବା ସହିତ ଏ କ୍ଷେତ୍ରରେ ଦ୍ରୁତ ଅଗ୍ରଗତି ସମ୍ଭବ ହୋଇପାରିଛି ।

## କୋର୍ ଇଣ୍ଡଷ୍ଟ୍ରିଜ୍

ଦେଶର ୮ଟି ପ୍ରମୁଖ ଶିଳ୍ପ କ୍ଷେତ୍ର ବାର୍ଷିକ ମିଳିତ ସୂଚକାଙ୍କ ଆଧାରରେ ଗତ ଡିସେମ୍ବର ମାସରେ ୩ ଦଶମିକ୍ ୭ ପ୍ରତିଶତ ବୃଦ୍ଧି ପାଇଥିବା ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରଣାଳୟ କହିଛି । ସିମେଣ୍ଟ, ଇସ୍ପାତ୍,

ବିଦ୍ୟୁତ୍, ସାର ଓ କୋଇଲା ଉତ୍ପାଦନରେ ଗତମାସରେ ସକାରାତ୍ମକ ଅଭିବୃଦ୍ଧି ରେକର୍ଡ଼ କରାଯାଇଛି । ସିମେଣ୍ଟ ଉତ୍ପାଦନ ୧୩ ଦଶମିକ୍ ୫ ପ୍ରତିଶତ, ଇସ୍ପାତ୍ ୬ ଦଶମିକ୍ ୯ ପ୍ରତିଶତ, ବିଦ୍ୟୁତ୍ ୫ ଦଶମିକ୍ ୩ ପ୍ରତିଶତ, ସାର ୪ ଦଶମିକ୍ ୧ ପ୍ରତିଶତ ଏବଂ କୋଇଲା ଉତ୍ପାଦନ ୩ ଦଶମିକ୍ ୬ ପ୍ରତିଶତ ବୃଦ୍ଧି ପାଇଥିବା ମନ୍ତ୍ରଣାଳୟ କହିଛି । ଅଶୋଧିତ ତୈଳ ଉତ୍ପାଦନ ୫ ଦଶମିକ୍ ୬ ପ୍ରତିଶତ ଏବଂ ପ୍ରାକୃତିକ ଗ୍ୟାସ୍ ଉତ୍ପାଦନ ୪ ଦଶମିକ୍ ୪ ପ୍ରତିଶତ ଓ ପେଟ୍ରୋଲିୟମ୍ ରିଫାଇନାରୀ ଉତ୍ପାଦ ୧ ପ୍ରତିଶତ ହ୍ରାସ ପାଇଥିବା ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ରିପୋର୍ଟ୍‌ରେ କୁହାଯାଇଛି ।

## ଫୁଟବଲ୍

୭୯ତମ ଜାତୀୟ ସନ୍ତୋଷ ଟ୍ରଫି ଫୁଟବଲ ଟୁର୍ଣ୍ଣାମେଣ୍ଟ ଆଜିଠାରୁ ଆସାମର ବ୍ରହ୍ମପୁତ୍ରଠାରେ ଆରମ୍ଭ ହେଉଛି । ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରୁଛନ୍ତି । ସେମାନଙ୍କୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି । ଗ୍ରୁପ୍-ଏ'ରେ ପଶ୍ଚିମବଙ୍ଗ, ଆସାମ, ନାଗାଲାଣ୍ଡ, ରାଜସ୍ଥାନ, ଉତ୍ତରାଖଣ୍ଡ ଏବଂ ତାମିଲନାଡୁ ରହିଥିବା ବେଳେ ଗ୍ରୁପ୍-ବି'ରେ ରେଳବାଇ, ସର୍ଭିସେସ୍, କେରଳ, ପଞ୍ଜାବ, ମେଘାଳୟ ଏବଂ ଓଡ଼ିଶା ସ୍ଥିତ ହୋଇଛି । ଆସନ୍ତା ମାସ ୮ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ୍ ମ୍ୟାଚ୍ ଖେଳାଯିବ ।

## କ୍ରିକେଟ୍-ଇଣ୍ଡିଆ-ନ୍ୟୁଜିଲାଣ୍ଡ

ଭାରତ-ନ୍ୟୁଜିଲାଣ୍ଡ ପୁରୁଷ ବର୍ଗ ପାଞ୍ଚଟିକିଆ ଟି-ଟ୍ୱେଣ୍ଟି ଆନ୍ତର୍ଜାତିକ ସିରିଜ୍ ଆଜିଠାରୁ ଆରମ୍ଭ ହେଉଛି । ନାଗପୁରର ବିଦର୍ଭ କ୍ରିକେଟ୍ ଆସୋସିଏସନ୍ ଷ୍ଟାଡିୟମ୍‌ଠାରେ ଆଜି ସନ୍ଧ୍ୟା ୭ଟାରେ ପ୍ରଥମ ମ୍ୟାଚ୍ ଖେଳାଯିବ । ସୂର୍ଯ୍ୟ କୁମାର ଯାଦବଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ଟି-ଟ୍ୱେଣ୍ଟି ସିରିଜ୍ ଖେଳୁଛି । ଗଣମାଧ୍ୟମକୁ ସୂଚନା ଦେଇ ଅଧିନାୟକ ସୂର୍ଯ୍ୟ କୁମାର କହିଛନ୍ତି, ତୃତୀୟ ସ୍ଥାନରେ ଦଳ ପକ୍ଷରୁ ଇଶାନ୍ କିଶାନ୍ ଖେଳିବେ । ରାୟପୁରଠାରେ ଆସନ୍ତା ଶୁକ୍ରବାର ଦିନ ଦ୍ୱିତୀୟ ମ୍ୟାଚ୍ ଖେଳାଯିବ ।

## ମହିଳା ପ୍ରିମିୟର୍ ଲିଗ୍

ମହିଳା ପ୍ରିମିୟର୍ ଲିଗ୍ କ୍ରିକେଟ୍ ପ୍ରତିଯୋଗିତାର ଗତକାଲିର ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ବିଜୟୀ ହୋଇଛି । ବଦୋଦରାର ବି.ସି.ଏ. ଷ୍ଟାଡିୟମ୍‌ରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସ ୭ ଓ୍ୱିକେଟ୍‌ରେ ମୁମ୍ବାଇ ଇଣ୍ଡିଆନ୍ସକୁ ପରାସ୍ତ କରିଛି । ଟସ୍ ଜିତି ଦିଲ୍ଲୀ ମୁମ୍ବାଇକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା । ନିର୍ଦ୍ଧାରିତ ୨୦ ଓଭରରେ ମୁମ୍ବାଇ ୧୫୪ରନ୍ ସଂଗ୍ରହ କରିଥିଲା । ୧୫୫ ରନ୍‌ର ବିଜୟ

ଲକ୍ଷ୍ୟକୁ ଦିଲ୍ଲୀ ୧୯ ଓଭରରେ ୩ଟି ୱିକେଟ୍ ବିନିମୟରେ ହାସଲ କରିପାରିଥିଲା । ଜେମିମା ରୋଡ୍ରିଗିଜ୍‌ଙ୍କୁ ପ୍ଲେୟାର୍ ଅଫ୍ ଦି ମ୍ୟାଚ୍ ବିବେଚନା କରାଯାଇଛି ।